<u>ପ୍ରେସ ନୋଟ</u>

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଅଭିଯାନର ପ୍ରଥମ ପର୍ଯ୍ୟାୟ ଚିହ୍ନଟ ଶିବିର ।

ଅନୁଗୋଳ,ତା.୫.୪ :- ଦିବ୍ୟାଙ୍ଗମାନଂକୁ ବିଭିନ୍ନ ସରକାରୀ ଯୋଜନାରେ ଉପକୃତ କରାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଇବା ନିମନ୍ତେ ଜିଲ୍ଲା ସମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ପ୍ରଥମ ପର୍ଯ୍ୟାୟରେ ଅନୁଗୋଳ ବ୍ଲକ ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଆଜି ଅନୁଗୋଳ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ସରକାରଂକ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସଠିକ୍ କାର୍ଯ୍ୟକାରିତା ଉପରେ ସେ ଗରୁତ୍ୱାରୋପ କରିବା ସହ ଭିନ୍ନକ୍ଷମମାନଂକର ସବୁ କ୍ଷେତ୍ରରେ ଦକ୍ଷତା କିପରି ବୃଦ୍ଧି ହେବ ସେଥିପାଇଁ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ । ବିଭିନ୍ନ ସରକାରୀ ସହାୟତା ଓ ଋଣ ସେମାନଂକୁ ଯୋଗାଇ ଦେଇ ରୋଜଗାରକ୍ଷମ କରିବାକୁ ଅଧିକାରୀମାନଂକୁ ପରାମର୍ଶ ଦେଇଥିଲେ । ନିୟମିତ ଭତ୍ତା ପ୍ରଦାନ, ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀମାନଂକୁ ୫୦ ହଜାର ଟଂକା ଲେଖାଏଁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ, କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ରୋପଣ ନିମନ୍ତେ ସହାୟତା ପ୍ରଦାନ ଓ ଭିନ୍ନକ୍ଷମ ବିବାହ ସହାୟତା ରାଶି ୨ଲକ୍ଷ ୫୦ ହଜାର ଟଂକା ପ୍ରଦାନ ଆଦି ଯୋଜନାକୁ ସଫଳତାର ସହ କାର୍ଯ୍ୟକାରି କରିବା ପାଇଁ ପରାମର୍ଶ ଦେଇଥିଲେ । ଏଣିକି ଭିନ୍ନକ୍ଷମ ପ୍ରମାଣପତ୍ରକୁ ଡିଜିଟାଲ କରାଯିବ । ଆଜିର ଶିବିରରେ ବିଭିନ୍ନ ସହାୟତା ବାବଦରେ ୫୪୮ ଜଣଂକୁ ଓ ୨୭୫ ଜଣଂକୁ ଭିନ୍ନକ୍ଷମ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି । ଆଜିର ଶିବିରରେ ସମ୍ମାନୀତ ଅ ତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସଂନ୍ଧ୍ୟାଞ୍ଜଳୀ ମାଝି , ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଶ୍ରୀ ପ୍ରକାଶ ଚନ୍ଦ୍ର ପ୍ରଧାନ,ଜିଲ୍ଲା ସାମାଜିକ ନିରାପତ୍ତା ଅଧିକାରୀ ଶ୍ରୀ ନାରାୟଣ ମହାପାତ୍ର ଯୋଗ ଦେଇଥିଲେ । ଏହାଛଡା ଶିବିର ପରିଚାଳନାରେ ବ୍ଲକ୍ ସାମାଜିକ ନିରାପତ୍ତା ଅଧିକାରୀ ଶ୍ରୀ ତ୍ରିଦିବେସ ଦଳବେହେରା,ଉପଖଣ୍ଡ ସାମାଜିକ ନିରାପତ୍ତା ଅଧିକାରୀ ମନୋରମା ମହାପାତ୍ର ସହଯୋଗ କରିଥିଲେ । ଏହି ଶିବିରରେ ନାସା,ଗଳା,କର୍ଣ୍ଣ ବିଶେଷଜ୍ଞ ଡା. ପି କେ ମହାନ୍ତି, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଜ୍ଞାନ ରଞ୍ଜନ ବିଶ୍ୱାଳ, ଚକ୍ଷୁ ବିଶେଷଜ୍ଞ ଡା. ଏନ୍ ଏମ୍ ପ୍ରଧାନ, ଭେଷଜ ବିଶେଷଜ୍ଞ ଡା. ଡି ସାହୁ, ଶିଶୁ ବିଶେଷଜ୍ଞ ଡା. ଏନ୍ କେ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

